# NATIONAL NEWS BULLETIN (ODIA)
## 08th October - 2023
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲିଠାରୁ ଇଟାଲୀ ଓ ଫ୍ରାନ୍ସ ଗସ୍ତରେ ଯିବେ ।
- ଏୟାର ଇଣ୍ଡିଆ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ତେଲ୍ ଆଭିଭ୍ ଓ ଭାରତ ମଧ୍ୟରେ ବିମାନ ଚଳାଚଳକୁ ବାତିଲ୍ କରିଛି ।
- ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ – ସି.ବି.ଆଇ. ଆଜି ୧୨ଟି ସ୍ଥାନରେ ଖାନତଲାସୀ କରିଛି ।
- ଊନବିଂଶ ଏସୀୟ କ୍ରୀଡ଼ାର ଉଦ୍ଯାପନୀ ସମାରୋହ ଚୀନ୍‌ର ହାଙ୍ଗ୍‌ଝୌ ଅଲିମ୍ପିକ୍ସ ଷ୍ଟାଡିୟମ୍‌ଠାରେ ଆରମ୍ଭ ହୋଇଛି ।

ଏବଂ

- ଚେନ୍ନାଇଠାରେ ଚାଲିଥିବା ବିଶ୍ୱକପ୍ କ୍ରିକେଟ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଭାରତ ସମ୍ମୁଖରେ ୨୦୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ।

## ରାଜନାଥଂ ଭିଜିଟ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲିଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଇଟାଲୀ ଓ ଫ୍ରାନ୍ସ ଗସ୍ତରେ ଯିବେ । ଦୁଇ ଦେଶକୁ ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ଇଟାଲୀର ପ୍ରତିରକ୍ଷାମନ୍ତ୍ରୀ ଗୁଇଡୋ କ୍ରିତେଟୋଙ୍କୁ ରୋମ୍‌ରେ ସାକ୍ଷାତ୍ କରିବେ । ଭାରତ-ଇଟାଲୀ ମଧ୍ୟରେ ସମ୍ପର୍କ ଗତ ମାର୍ଚ୍ଚ ମାସରେ ସାମରିକ ଭାଗିଦାରୀ ସମ୍ପର୍କକୁ ଉନ୍ନୀତ ହୋଇଥିଲା । ଇଟାଲୀ ପ୍ରଧାନମନ୍ତ୍ରୀ ଭାରତକୁ ସେହି ସମୟରେ ଆସିଥିଲେ । ଗସ୍ତର ଦ୍ୱିତୀୟ ଦଫାରେ ଶ୍ରୀ ସିଂହ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ସେବାଷ୍ଟିଆନ୍ ଲେକର୍ଣ୍ଣୁଙ୍କୁ ପ୍ୟାରିସ୍‌ଠାରେ ଭେଟି ପଞ୍ଚମ ବାର୍ଷିକୀ କଥାବାର୍ତ୍ତା କରିବେ । ଭାରତ ଓ ଫ୍ରାନ୍ସ ମଧ୍ୟରେ ସାମରିକ ଭାଗିଦାରୀ ସମ୍ପର୍କର ୨୫ବର୍ଷ ପୂର୍ତ୍ତି ଅଳ୍ପଦିନ ତଳେ ପାଳନ କରାଯାଇଥିଲା । ଦୁଇଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସହଯୋଗ ସମେତ ଦ୍ୱିପକ୍ଷୀୟ ସାମରିକ ସହଯୋଗ ବହୁଦିନରୁ ତିଷ୍ଠି ରହିଛି । ଉଭୟ ଦେଶକୁ ଗସ୍ତ କାଳରେ ଶ୍ରୀ ସିଂହ ପ୍ରତିରକ୍ଷା ଶିଳ୍ପପତିମାନଙ୍କ ସହ ଶିଳ୍ପ ସହଯୋଗର କଥାବାର୍ତ୍ତା କରିବାର କାର୍ଯ୍ୟସୂଚୀ ରହିଛି ।

## ଫ୍ଲାଇଟ୍ କ୍ୟାନ୍ସେଲ୍ଡ୍

ଏୟାର ଇଣ୍ଡିଆ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ତେଲ୍ ଆଭିଭ୍ ଓ ଭାରତ ମଧ୍ୟରେ ବିମାନ ଚଳାଚଳକୁ ବାତିଲ୍ କରିଛି । ସୋସିଆଲ୍ ମିଡିଆରେ ପୋଷ୍ଟ କରି ଏୟାର୍ ଇଣ୍ଡିଆ କହିଛି, ଆସନ୍ତା ଶନିବାର ପର୍ଯ୍ୟନ୍ତ ଯାତ୍ରୀ ଏବଂ ବିମାନ କର୍ମଚାରୀଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ତେଲ୍ ଆଭିଭ୍‌କୁ ବିମାନ ଚଳାଚଳ ବାତିଲ୍ କରାଯାଇଛି । ଏୟାର୍ ଇଣ୍ଡିଆ ପୁଣି କହିଛି, ଏହି ସମୟ ମଧ୍ୟରେ ଯେଉଁ ଯାତ୍ରୀମାନଙ୍କର ବୁକିଂ ନିଶ୍ଚିତ ଅଛି, ସେମାନଙ୍କୁ ଏୟାର୍‌ଲାଇନ୍ସ ପକ୍ଷରୁ ସମସ୍ତ ସମ୍ଭାବ୍ୟ ସମର୍ଥନ ଯୋଗାଇ ଦିଆଯିବ । ଗତକାଲି ଇସ୍ରାଏଲ୍ ଉପରେ ହମାସ୍ ଆତଙ୍କବାଦୀ ଗୋଷ୍ଠୀ ପକ୍ଷରୁ ଆକ୍ରମଣ କରାଯାଇଥିଲା ଏବଂ ସେବେଠାରୁ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ଲାଗି ରହିଛି, ଯେଉଁଥିରେ ଅନେକ ଲୋକଙ୍କର ମୃତ୍ୟୁ ଘଟିଛି ।

## ସି.ବି.ଆଇ. - ବେଙ୍ଗଲ୍ ମିନିଷ୍ଟର

ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ - ସି.ବି.ଆଇ. ଆଜି ୧୨ଟି ସ୍ଥାନରେ ଚଢ଼ଉ କରିଛି । ସେଗୁଡ଼ିକ ମଧ୍ୟରେ ରାଜ୍ୟର ବରିଷ୍ଠ ମନ୍ତ୍ରୀ ଫିରାଦ୍ ହକିମ୍‌ଏବଂ ତୃଣମୂଳ କଂଗ୍ରେସ ବିଧାୟକ ମଦନ ମିତ୍ରଙ୍କ ବାସଭବନ ରହିଛି ।

ରାଜ୍ୟରେ ନିଯୁକ୍ତି କ୍ଷେତ୍ରରେ ଅନିୟମିତତା ଅଭିଯୋଗକୁ ଭିତ୍ତିକରି ଏହି ଚଢ଼ଉ କରାଯାଇଛି । ଫିରାଦ୍ ହକିମ୍ ଯିଏ କି ରାଜ୍ୟର ସହରାଞ୍ଚଳ ବିକାଶ ଏବଂ ପୌର ବ୍ୟାପାର ମନ୍ତ୍ରୀ ରହିବା ସହ କୋଲ୍‌କାତାର ମେୟର ମଧ୍ୟ ଅଛନ୍ତି । ଆଜି ସକାଳୁ ସି.ବି.ଆଇ.ର ଅଧିକାରୀମାନେ ତାଙ୍କର ଦକ୍ଷିଣ କୋଲ୍‌କାତାର ଚେତଲା ଅଞ୍ଚଳରେ ଥିବା ବାସଭବନରେ ଚଢ଼ଉ କରିଥିଲେ ।

ସି.ବି.ଆଇ.ର ଅନ୍ୟ ଏକ ଦଳ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ଉତ୍ତର ୨୪ ପ୍ରଗଣା ଜିଲ୍ଲାର କମରହାଟୀ ବିଧାୟକ ମଦନ ମିତ୍ରଙ୍କ ବାସଭବନରେ ମଧ୍ୟ ଚଢ଼ଉ କରିଥିଲେ । ସି.ବି.ଆଇ. କହିଛି, ଅଧିକାରୀମାନେ ରାଜ୍ୟର କିଛି ସରକାରୀ କର୍ମଚାରୀ ଏବଂ ଅନ୍ୟମାନଙ୍କର ବାସଭବନ ସମେତ ପ୍ରାୟ ୧୨ଟି ସ୍ଥାନରେ ଖାନତଲାସୀ କରିଛନ୍ତି । ସେଗୁଡ଼ିକ ମଧ୍ୟରେ କଞ୍ଚରପଡ଼ା, ବାରାକ୍‌ପୁର, ହାଲିସହର, ଦମ୍‌ଦମ୍, ଉତ୍ତର ଦମ୍‌ଦମ୍, କ୍ରିଷ୍ଣନଗର, ତାକି, କମରହାଟୀ, ଚେତଲା ଏବଂ ଭବାନୀପୁର ଅଞ୍ଚଳ ରହିଛି । ଏକ ମାମଲାର ତଦନ୍ତ କରିବାକୁ ଯାଇ ସି.ବି.ଆଇ. ପକ୍ଷରୁ ଏହି ଖାନତଲାସୀ କରାଯାଇଥିଲା ।

## ଏସିଆନ୍ ଗେମ୍ସ

ଊନବିଂଶ ଏସୀୟ କ୍ରୀଡ଼ାର ଉଦ୍‌ଯାପନୀ ସମାରୋହ ଚୀନ୍‌ର ହାଙ୍ଗ୍‌ଝୌ ଅଲିମ୍ପିକ୍ସ ଷ୍ଟାଡିୟମ୍‌ଠାରେ ଆରମ୍ଭ ହୋଇଛି । ଏହି ଉଦ୍‌ଯାପନୀ ସମାରୋହରେ ଭାରତ ପକ୍ଷରୁ ହକି ଖେଳାଳି ପି.ଆର୍. ଶ୍ରୀଜେଶ ଭାରତର ପ୍ରତିନିଧିତ୍ୱ କରି ଜାତୀୟ ପତାକା ବହନ କରିଛନ୍ତି । ଚୀନ୍‌ର ପ୍ରିମିୟର୍ ଲି କ୍ୱାଙ୍ଗ୍ ଉଦ୍‌ଯାପନୀ ସମାରୋହରେ ଯୋଗଦେବେ । ଏହି ଚିତ୍ତାକର୍ଷକ ସମାରୋହରେ ୨ ହଜାରରୁ ଊର୍ଦ୍ଧ୍ୱ କଳାକାର ସେମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ କରିବା ସହ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ମଧ୍ୟରେ ପ୍ରେମ ଏବଂ ଏକତାର ଭାବକୁ ବାଣ୍ଟିଛନ୍ତି ।

କୋଭିଡ୍ ମହାମାରୀ ଯୋଗୁଁ ଏକ ବର୍ଷ ବିଳମ୍ବରେ ଆୟୋଜିତ ହୋଇଥିବା ଏହି କ୍ରୀଡ଼ା ମହାକୁମ୍ଭରେ ୪୫ଟି ଦେଶରୁ ୧୨ ହଜାର ୪୦୭ ଜଣ କ୍ରୀଡ଼ାବିତ୍ ୪୦ଟି କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ ।

ଏଥିପାଇଁ ହାଙ୍ଗ୍‌ଝୌ ଅଲିମ୍ପିକ୍ସ ଷ୍ଟାଡିୟମ୍‌ର ଆଖପାଖ ଅଞ୍ଚଳରେ ନିରାପତ୍ତାକୁ କଡ଼ାକଡ଼ି କରାଯାଇଛି ।

ଭାରତୀୟ ଦଳ ଚଳିତ ବର୍ଷର ଏସୀୟ କ୍ରୀଡ଼ାରେ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଏବଂ ୪୧ଟି ବ୍ରୋଞ୍ଜ ପଦକ ସହ ମୋଟ ୧୦୭ଟି ପଦକ ହାସଲ କରିଛି । ୨୦୧୮ ମସିହାରେ ଜାକର୍ତ୍ତାରେ ଅନୁଷ୍ଠିତ ଅଷ୍ଟାଦଶ ଏସୀୟ କ୍ରୀଡ଼ାରେ ଭାରତ ୭୦ଟି ପଦକ ହାସଲ କରିବାକୁ ସକ୍ଷମ ହୋଇଥିଲା । ଅଲିମ୍ପିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସୀୟ କ୍ରୀଡ଼ା ଭଳି କୌଣସି ବଡ଼

ପ୍ରତିଯୋଗିତାରେ ଭାରତ ପ୍ରଥମ ଥରପାଇଁ ୧୦୧ ପଦକ ସଂଖ୍ୟାକୁ ଅତିକ୍ରମ କରିଛି ।

## ଏୟାର୍‌ଫୋର୍ସ ଡେ ପ୍ୟାରେଡ୍

ଭାରତୀୟ ବିମାନ ବାହିନୀ ଆଜି ତା'ର ୯୧ତମ ବାର୍ଷିକୀ ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ପାଳନ କରିଛି । ଏହି ଉତ୍ସବ ପାଳନର ଅଂଶବିଶେଷ ଭାବେ ବିମାନବାହିନୀ ପକ୍ଷରୁ ପ୍ରୟାଗରାଜର ବାମରାଉଲି ବିମାନବାହିନୀ କେନ୍ଦ୍ରଠାରେ ଏକ ପ୍ୟାରେଡ୍‌ର ଆୟୋଜନ କରାଯାଇଥିଲା । ବିମାନବାହିନୀ ମୁଖ୍ୟ ଏୟାରଚିଫ୍ ମାର୍ଶଲ ଭି.ଆର୍.ଚୌଧୁରୀ, ପ୍ରତିରକ୍ଷାବାହିନୀ ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ ଏବଂ କେନ୍ଦ୍ରୀୟ ଏୟାର କମାଣ୍ଡ ଜେନେରାଲ ଅଫିସର ଇନ୍ କମାଣ୍ଡ ଏୟାର ମାର୍ଶାଲ ଆର୍.ଜି.କେ କାପୁର ଏହି ପ୍ୟାରେଡ୍ ଉତ୍ସବରେ ଅଭିବାଦନ ଗ୍ରହଣ କରିଥିଲେ । ଏୟାରଚିଫ୍ ମାର୍ଶାଲ ବିମାନବାହିନୀର ୪ଟି ଶାଖାକୁ ପଦକ ପ୍ରଦାନ କରିଛନ୍ତି । ଷୋଡଶ ସ୍କ୍ୱାର୍ଡନ, ୧୪୨ ହେଲିକପ୍ଟର ୟୁନିଟ୍, ୯୦୧ ସିଗ୍ନାଲ ୟୁନିଟ୍ ଏବଂ ତିନି ବେସ୍ ରିପ୍ୟାର ଡିପୋକୁ ବିଚକ୍ଷଣ ସେବା ପ୍ରଦାନ ପାଇଁ ଏହି ପଦକ ପ୍ରଦାନ କରାଯାଇଛି ।

# ସିକ୍କିମ୍ - ଫ୍ଲଡ୍

ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ର ଆଜି ସିକ୍କିମ୍‌ର ମଙ୍ଗନ୍ ଜିଲ୍ଲାସ୍ଥିତ ନାଗାଠାରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ବନ୍ୟା ଯୋଗୁଁ ବିଚ୍ଛିନ୍ନାଞ୍ଚଳରେ ରହିଥିବା ଲୋକମାନଙ୍କୁ ଉଦ୍ଧାର ଏବଂ ପ୍ରଭାବିତ ଲୋକମାନଙ୍କୁ ରିଲିଫ୍ ଯୋଗାଇ ଦେବା ଉପରେ ପ୍ରାଥମିକତା ଦେବାପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରିସ୍ଥିତିକୁ ନିରନ୍ତର ପର୍ଯ୍ୟବେକ୍ଷଣ କରୁଛନ୍ତି ।

ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗ ମଧ୍ୟ ଫିଡାଙ୍ଗ୍ ସେତୁ, ଡିକ୍‌ଚୁ ନିକଟରେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ସେ ଜନସାଧାରଣଙ୍କ ସହିତ କଥାବାର୍ତ୍ତା କରିବା ସହ ସେମାନଙ୍କୁ ସମସ୍ତ ସହାୟତା ଓ ସମର୍ଥନର ପ୍ରତିଶ୍ରୁତି ଦେଇଛନ୍ତି । ସେ ସ୍ଥାନୀୟ ଲୋକମାନଙ୍କଦ୍ୱାରା ରିଲିଫ୍ ସାମଗ୍ରୀ ପରିବହନ ପାଇଁ ଜିପ୍ ଲାଇନ୍ ନିର୍ମାଣ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ସେ ସେମାନଙ୍କୁ ଏକାଠି କାମ କରିବାକୁ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ, ଫିଡାଙ୍ଗ ଏବଂ ସଙ୍ଗ୍‌କ୍ଲଙ୍ଗ୍‌ଠାରେ ଜୋଙ୍ଗୁକୁ ସଂଯୋଗ କରୁଥିବା ଦୁଇଟି ସେତୁ ପ୍ରଳୟଙ୍କରୀ ବନ୍ୟାରେ ସମ୍ପୂର୍ଣ୍ଣ ଭାସିଯାଇଛି । ଅନ୍ୟପକ୍ଷରେ ଚୁଙ୍ଗ୍‌ଥାଙ୍ଗ୍‌ଠାରେ ପେଗଙ୍ଗ୍‌କୁ ସଂଯୋଗ ସ୍ଥାପନ ପାଇଁ ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରାଯାଇଛି । ସେହି ପୋଲ ସହାୟତାରେ ଅଟକି ରହିଥିବା ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ଉଦ୍ଧାର କରାଯାଇଛି । ସେନାବାହିନୀ ପକ୍ଷରୁ  ସେଠାରେ ଆଉ ଏକ

ସେତୁ ମଧ୍ୟ ନିର୍ମାଣ କରାଯାଇଛି । ସିକ୍କିମ୍ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ସେହି ଆକସ୍ମିକ ବନ୍ୟାରେ ୯ ଜଣ ଯବାନଙ୍କ ସମେତ ୩୩ ଜଣଙ୍କର ମୃତ୍ୟୁ ଘଟିଛି । ବର୍ତ୍ତମାନ ସୁଦ୍ଧା ୧୦୫ ଜଣ ନିଖୋଜ ଅଛନ୍ତି । ୨ ହଜାର ୫୬୩ ଜଣଙ୍କୁ ଉଦ୍ଧାର କରାଯାଇଛି ଏବଂ ପ୍ରାୟ ୬ ହଜା ୮୪୭ ଜଣ ଲୋକଙ୍କୁ ୨୮ଟି ରିଲିଫ୍ ଶିବିରରେ ଆଶ୍ରୟ ପ୍ରଦାନ କରାଯାଇଛି । ମୋଟ ୧ ହଜାର ୩୨୦ଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଜଣାପଡ଼ିଛି ।

## ଟି.ଏନ୍. - କ୍ରାକର୍ ଏକ୍ସପ୍ଲୋଜନ୍

ତାମିଲ୍‌ନାଡୁ ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍. ସୁବ୍ରମଣ୍ୟମ୍ ଆଜି ବେଙ୍ଗାଲୁରୁ ଗସ୍ତ କରିଛନ୍ତି । ସେଠାରେ ଗତକାଲି ବାଣ ବିସ୍ଫୋରଣରେ ପ୍ରାଣ ହରାଇଥିବା ୧୪ ଜଣ ବ୍ୟକ୍ତିଙ୍କର ମୃତ ଶରୀରକୁ ରଖାଯାଇଛି । ସେଠାରେ ଶ୍ରୀ ସୁବ୍ରମଣ୍ୟମ୍ ପ୍ରାଣ ହରାଇଥବା ବ୍ୟକ୍ତିମାନଙ୍କର ପରିବାରବର୍ଗଙ୍କୁ ଭେଟିବା ପରେ ଗଣମାଧ୍ୟମକୁ କହିଛନ୍ତି, ସେହି ଘଟଣା ତଦନ୍ତ ପରିସରଭୁକ୍ତ ରହିଛି । ମୃତ ଶରୀରଗୁଡ଼ିକୁ ସେମାନଙ୍କ ଅଞ୍ଚଳକୁ ପଠାଇବାପାଇଁ ବ୍ୟବସ୍ଥା କରାଯାଇଛି । ଧର୍ମପୁରୀ ଏବଂ କ୍ରିଷ୍ଣଗିରି ଜିଲ୍ଲାର ଯୁବକମାନଙ୍କୁ ବାଣ ପ୍ୟାକିଂ କରିବାପାଇଁ ନିୟୋଜିତ କରାଯାଇଥିଲା । ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି, ମୃତକଙ୍କ ନିକଟ

ପରିଜନମାନଙ୍କ ପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ । ଗୁରୁତର ଆହତମାନଙ୍କୁ ୧ ଲକ୍ଷ ଟଙ୍କା ଏବଂ ସାମାନ୍ୟ ଆହତ ବ୍ୟକ୍ତିମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ମନ୍ତ୍ରୀ କହିଛନ୍ତି, ଗୁରୁତର ଭାବେ ଆହତ ବ୍ୟକ୍ତିମାନଙ୍କୁ ଉତ୍ତମ ଚିକିତ୍ସାପାଇଁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ, ବାଣ ଗୋଦାମରେ ୩୫ଜଣ ଲୋକ କାମ କରୁଥିଲେ । ଅପରାହ୍ଣ ସାଢ଼େ ୩ଟାବେଳେ ସେଠାରେ ନିଆଁ ଲାଗିଯାଇଥିଲା । ଦୋକାନ ମାଲିକ ସମେତ ୪ଜଣ ଲୋକ ଆହତ ହୋଇଥିଲେ । ବାଣଭର୍ତ୍ତି ଗୋଟିଏ ଟ୍ରକ୍ ସମେତ ୬ଟି ଗାଡ଼ି ପୋଡ଼ିଯାଇଥିଲା । ଟ୍ରକ୍‌ରୁ ବାଣଗୁଡ଼ିକୁ କଢ଼ାଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା । ରାତି ସାଢ଼େ ୮ଟା ବେଳକୁ ନିଆଁକୁ ଆୟତ୍ତ କରାଯାଇଥିଲା । ସେହି ବିସ୍ଫୋରଣ ତାମିଲ୍‌ନାଡୁର ହୋସୁର ନିକଟବର୍ତ୍ତୀ ଏକ ସୀମାନ୍ତ ଗ୍ରାମରେ ଘଟିଥିଲା ।

## ଲଦାଖ - ରେଜଲ୍ଟ

କାରଗିଲ୍‌ର ଲଦାଖ ସ୍ୱୟଂଶାସିତ ପାର୍ବତ୍ୟାଞ୍ଚଳ ବିକାଶ ପରିଷଦ ଭୋଟଗଣତି ଜାରି ରହିଛି । ଷଷ୍ଠ ପର୍ଯ୍ୟାୟ ଗଣତି ସୁଦ୍ଧା କଂଗ୍ରେସ ଦଳକୁ

୭ଟି, ନ୍ୟାସନାଲ୍ କନ୍‌ଫରେନ୍ସକୁ ୫ଟି, ବି.ଜେ.ପି.କୁ ୨ଟି ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କୁ  ଗୋଟିଏ ଆସନ ମିଳିଛି । ଆଉ ୧୧ଟି ଆସନ ପାଇଁ ଗଣତି ଜାରି ରହିଛି ।

## କ୍ରିକେଟ୍ - ୱାର୍ଲଡକପ୍

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍ ଷ୍ଟାଡିୟମ୍‌ରେ ଚାଲିଥିବା ଆଇ.ସି.ସି. ପୁରୁଷ ଏକଦିବସୀୟ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଭାରତ ସମ୍ମୁଖରେ ୨୦୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଦଳ ନିର୍ଦ୍ଧାରିତ ୪୯ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୯୯ ରନ୍ ସଂଗ୍ରହ କରିଥିଲା । ଷ୍ଟିଭ୍‌ସ ସ୍ମିଥ୍ ୪୬ ଏବଂ ଡେଭିଡ୍ ୱାର୍ଣ୍ଣର୍ ୪୧ ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୩ଟି, କୁଲ୍‌ଦୀପ୍ ଯାଦବ ଓ ଯଶପ୍ରୀତ ବୁମ୍‌ରା ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ବିଶ୍ୱକପ୍‌ରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୧୨ ଥର ମୁକାବିଲା ହୋଇଛି । ସେଥିରୁ ଅଷ୍ଟ୍ରେଲିଆ ୮ ଥର ଜିତିଥିବାବେଳେ ଭାରତକୁ ୪ ଥର ସଫଳତା ମିଳିଛି ।

ଆମର ହସ୍ତଗତ ହୋଇଥିବା ସର୍ବଶେଷ ତଥ୍ୟ ଅନୁସାରେ ୨୦୦ ରନ୍‌ର ବିଜୟ ଲକ୍ଷକୁ ପିଛା କରି ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ୮ ଓଭର୍‌ରେ ୩ ୱିକେଟ୍ ହରାଇ ୨୧ ରନ୍ ସଂଗ୍ରହ କରିଛି ।

*****